# କଟକ ମଦମୃତ୍ୟୁର ମୁଖ୍ୟ ଆସାମୀ କିଏ?

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

କଟକ ମଦ ମୃତ୍ୟୁ ସଂପର୍କରେ ଯେଉଁ ସଦ୍ୟତମ ତଥ୍ୟ ଗତ ଦୁଇଦିନ ଧରି 'ସମ୍ବାଦ'ର ପ୍ରଥମ ପୃଷ୍ଠାରେ ପ୍ରକାଶିତ ହୋଇଛି, ତାହା ଆମକୁ ଅଧିକ ବିବ୍ରତ ଓ ଆନ୍ଦୋଳିତ କରୁଛି। ବିଷାକ୍ତ ମଦଜନିତ ମୃତ୍ୟୁ ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଇସ୍ତଫା ଦିଆଇ ଏବଂ ଅବକାରୀ କମିସନର ଓ ଡ୍ରଗ୍ କଣ୍ଟ୍ରୋଲର୍ ଆଦି ବିଭାଗୀୟ ମୁଖ୍ୟମାନଙ୍କୁ ବଦଳି କରିବା ସହିତ ଏକ ତଦନ୍ତ କରିବାର ନିର୍ଦ୍ଦେଶ ଦେଇ, ସରକାର ତାଙ୍କର ଦାୟିତ୍ୱ ତୁଟାଇଦେବାକୁ ଚେଷ୍ଟା କରିଛନ୍ତି। ଏହାଦ୍ୱାରା ସୂଚାଇ ଦେବାକୁ ଚାହୁଁଛନ୍ତି ଯେ ଏଭଳି ଏକ ବିଭୀଷିକାକୁ ସରକାର ହାଲୁକା ଭାବରେ ଗ୍ରହଣ କରିନାହାନ୍ତି ଏବଂ ତତ୍‌କ୍ଷଣାତ୍ ବିଭାଗୀୟ ମନ୍ତ୍ରୀ ଏବଂ ମୁଖ୍ୟମାନଙ୍କୁ ଅନ୍ତର କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

କିନ୍ତୁ ଗତ ଦୁଇଦିନ ଧରି ଯେଉଁ ନୂଆ ତଥ୍ୟ ଆମର ହସ୍ତଗତ ହୋଇଛି, ତାହା ସଂପୂର୍ଣ୍ଣ ଭାବରେ ଭିନ୍ନ ଏକ ଅପରାଧ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ନିର୍ଦ୍ଦିଷ୍ଟ ଗୋଟିଏ କମ୍ପାନି ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି, ଏକାଧିକ ମନ୍ତ୍ରୀ, ବରିଷ୍ଠ ପ୍ରାଶାସନିକ ଅଧିକାରୀ, ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀ ଏହି ଅପରାଧରେ ଛନ୍ଦି ହୋଇ ପଡ଼ିଛନ୍ତି। ନିଜର ଦୋଷକୁ ଘଷ୍ଟ ଘୋଡାଇବା ପାଇଁ ମନ୍ତ୍ରୀ ଓ ବିଭାଗୀୟ ମୁଖ୍ୟମାନଙ୍କୁ ଲୋକଦେଖାଣିଆ ଭାବେ ଯେ ବଳି ପକାଇ ଦିଆଯାଇଛି, ସଦ୍ୟତମ ତଥ୍ୟରୁ ଏହା ସ୍ପଷ୍ଟ ହୋଇଯାଇଛି। ନିର୍ଦ୍ଦିଷ୍ଟ ଏକ କମ୍ପାନି, ଯାହାକୁ ଔଷଧ ପ୍ରସ୍ତୁତ କରିବା ପାଇଁ ଅନୁମତି ଦେବା ନିମନ୍ତେ ଡ୍ରଗ୍ସ କଣ୍ଟ୍ରୋଲର୍ ଅନିଚ୍ଛୁକ ଥିଲେ- କାହା ସ୍ୱାର୍ଥରେ ଏବଂ କାହା ଚାପରେ ତାଙ୍କୁ ଅନୁମତି ଦିଆଗଲା ? ଏଭଳି ଅନୈତିକ ଭାବରେ ଅନୁମତି ପାଇବା ପରେ ଯେତେବେଳେ ସୂଚନା ମିଳିଲା ଯେ ସେ ତାଙ୍କର ଲାଇସେନ୍‌ସର ଅପବ୍ୟବହାର କରୁଛନ୍ତି ଏବଂ ଏ ବାବଦକୁ ପାଉଥିବା ଇଥାଇଲ୍ ଆଲ୍‌କୋହଲ୍ ସ୍ପିରିଟ୍‌କୁ ବିଷାକ୍ତ ମଦ ତିଆରି କରିବାରେ ବ୍ୟବହାର କରୁଛନ୍ତି; ତାଙ୍କୁ ଆଉ ସ୍ପିରିଟ୍ ନ ଦେବା ପାଇଁ ଅବକାରୀ କମିସନର୍ ଅନିଚ୍ଛା ପ୍ରକାଶ କରିଥିଲେ। ଅବକାରୀ କମିସନର୍‌ଙ୍କ ଝିଅ ବାହାଘର ଜନିତ ଦଶ ଦିନ ଛୁଟିର ସୁବିଧା ନେଇ ଯେଉଁମାନେ ଇଥାଇଲ୍ ଆଲ୍‌କୋହଲ୍ ଦିଆ କରାଇବାର ପଥ ସୁଗମ କଲେ ଏବଂ ଏହା କରାଇବା ପାଇଁ ନିର୍ଦ୍ଦିଷ୍ଟ ଜଣେ ପ୍ରାଶାସନିକ ଅଧିକାରୀଙ୍କୁ ବ୍ୟବହାର କଲେ, ସେମାନେ ଏଥିପାଇଁ ଅଧିକ ଦାୟୀ ନା ଯେଉଁ ଅବକାରୀ କମିସନର୍ ଏହାକୁ ରୋକିବା ପାଇଁ ଅନୁମତି ଦେଉ ନ ଥିଲେ, ସେ ଅଧିକ ଦାୟୀ ?

ସବୁଠାରୁ ବିଡ଼ମ୍ବନାର ବିଷୟ ହେଲା, ଯେଉଁ ନିର୍ଦ୍ଦିଷ୍ଟ ପ୍ରାଶାସନିକ ଅଧିକାରୀଙ୍କୁ ଅବକାରୀ ବିଭାଗର ଦଶଦିନିଆ ଦାୟିତ୍ୱ ଦିଆଗଲା, ତାଙ୍କ ସଂପର୍କରେ ଅନେକ ଅଭିଯୋଗ ଏବେ ବି ସରକାରଙ୍କର ବିଚାରାଧୀନ ଅଛି। ଏଭଳି ବ୍ୟକ୍ତି କୌଣସି ଅର୍ଥକରୀ ବା ସ୍ପର୍ଶକାତର ବିଭାଗର ଦାୟିତ୍ୱରେ ରହିବା ଉଚିତ ନୁହେଁ ବୋଲି ବିଧାନସଭାର ଗୃହ କମିଟି ମନ୍ତବ୍ୟ ଦେଇଛନ୍ତି। ଏଭଳି ଜଣେ ଅଧିକାରୀଙ୍କୁ ଅବକାରୀ କମିସନର୍ ଭଳି ଏକ ସ୍ପର୍ଶକାତର ବିଭାଗର ସାମୟିକ ଦାୟିତ୍ୱ ଦେବା ନିଷ୍ପତ୍ତି କେଉଁ ଉର୍ବର ମସ୍ତିଷ୍କର ? ରାଜସ୍ୱ ପର୍ଷଦର ସଦସ୍ୟ, ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ ଏବଂ ସର୍ବୋପରି ମୁଖ୍ୟମନ୍ତ୍ରୀ ମହୋଦୟ କ'ଣ ଶ୍ରୀଯୁକ୍ତ ପ୍ରଫୁଲ୍ଲ ମିଶ୍ରଙ୍କ ବାବଦରେ ଏ ସବୁ କଥା ଜାଣନ୍ତି ନାହିଁ ?

ପ୍ରକୃତ କଥାଟି ହେଲା, ପ୍ରଶାସକମାନେ ବ୍ୟବସ୍ଥାର ସବୁ ନିର୍ଣ୍ଣାୟକ ପଦପଦବିକୁ ମାଡ଼ିବସି ଜାତି ବିରାଦରି ନ୍ୟାୟରେ ଶ୍ରୀଯୁକ୍ତ ପ୍ରଫୁଲ୍ଲ ମିଶ୍ରଙ୍କୁ ସମସ୍ତ ସୁରକ୍ଷା ଦେବାରେ ହେଳା କରି ନାହାନ୍ତି। ଅତୀତରେ ତାଙ୍କୁ ଗୁରୁତର ଅଭିଯୋଗରୁ ମୁକ୍ତ କରିବା ପାଇଁ ଚେଷ୍ଟା କରାଯାଇଥିଲା। କିଛି କିଛି ଗଣମାଧ୍ୟମକୁ ଭୁଲ୍ ତଥ୍ୟ ଦେଇ ପ୍ରଭାବିତ କରିବା ପାଇଁ ମଧ୍ୟ ଉଦ୍ୟମ ହୋଇଥିଲା। 'ସମ୍ବାଦ'ର ହସ୍ତକ୍ଷେପ ଫଳରେ ଏହା ସଫଳ ହେଲା ନାହିଁ। ପୁଣି ଅନ୍ୟ ଏକ ଅଭିଯୋଗରେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କର ଅନୁମୋଦନକୁ ଅପେକ୍ଷା କରିଛନ୍ତି। ଏଠି ମଧ୍ୟ ଜାତି ବିରାଦରି କାମ ଦେଉଛି। ତା' ନ ହୋଇଥିଲେ ଏହି ସାମାନ୍ୟ ଅନୁମୋଦନଟି ବର୍ଷ ବର୍ଷ ଧରି ଅପେକ୍ଷା କରି ରହନ୍ତା ନାହିଁ।

ଏ ପ୍ରସଙ୍ଗରେ କେତୋଟି ପ୍ରଶ୍ନ ମନକୁ ଆସୁଛି। ମୁଖ୍ୟମନ୍ତ୍ରୀ ମହୋଦୟ କ'ଣ ଭୁଲି ଯାଉଛନ୍ତି ଯେ ଶ୍ରୀଯୁକ୍ତ ପ୍ରଫୁଲ୍ଲ ମିଶ୍ରଙ୍କୁ ଗୁରୁତର ଦୁର୍ନୀତି ଅଭିଯୋଗରେ ଅଭିଯୁକ୍ତ କରି ପନ୍ଦର ଦିନ ପାଇଁ ସେ ଜେଲ୍ ପଠାଇ ଦେଇଥିଲେ ? ଜଣେ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଜେଲ୍ ପଠାଇବା ପରି ଦୁଃସାହସିକ ପଦକ୍ଷେପ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନିର୍ବାଚନ ପୂର୍ବରୁ କିଛି କମ୍ ଶ୍ରେୟ ନେଇ ନାହାନ୍ତି। ଆଜି ପୁଣି ସେହି ଅଫିସର କିପରି ଅବକାରୀ କମିସନର୍‌ଙ୍କର ଦାୟିତ୍ୱ ତୁଲାଇବା ପାଇଁ ଯୋଗ୍ୟ ହୋଇଗଲେ ? କିଏ ତାଙ୍କୁ ଏପରି ପରାମର୍ଶ ଦେଲା ? ସେ କାହିଁକି ବା ତାକୁ ଗ୍ରହଣ କଲେ ? କଟକ ମଦ ମୃତ୍ୟୁ ବିଭୀଷିକାର ଅସଲ ଆସାମୀ କିଏ , ତାହା ଏ ସବୁ ପ୍ରଶ୍ନରୁ ସ୍ପଷ୍ଟ ବାରି ହୋଇଯାଉଛି।

ଆମ ବିଚାରରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ରାଜସ୍ୱ ପର୍ଷଦର ସଦସ୍ୟ ଏବଂ ସାମୟିକ ଭାବେ ଦାୟିତ୍ୱ ନେଇଥିବା ଅବକାରୀ କମିସନର୍ ଶ୍ରୀଯୁକ୍ତ ପ୍ରଫୁଲ୍ଲ ମିଶ୍ର ଏହି ଅପରାଧର ଅସଲ ଏବଂ ମୁଖ୍ୟ ଆସାମୀ। ଏମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଏକାନ୍ତ ଜରୁରି। ଆଇନ ତା' ବାଟରେ ଯିବ ବୋଲି ସବୁବେଳେ କହୁଥିବା ମୁଖ୍ୟମନ୍ତ୍ରୀ ତ ନିଜ ବିରୋଧରେ ମାମଲା ରୁଜୁ କରିବେ ନାହିଁ ! ମାନ୍ୟବର ହାଇକୋର୍ଟ 'ସମ୍ବାଦ'ର ଏହି ସୂଚନା ଏବଂ ପ୍ରତିବେଦନକୁ ଏକ ଆବେଦନ ଭାବେ ଗ୍ରହଣ କରି ଉପରୋକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇ ବିଚାର ବିଭାଗ ଉପରେ ବଞ୍ଚି ରହିଥିବା ଯତ୍‌କିଂଚିତ୍ ଭରସାକୁ ସୁଦୃଢ଼ କରିବେ ବୋଲି ଆମର ଆଶା ଓ ବିଶ୍ୱାସ।